# Akashvani, Sambalpur

## SAMBALPURI NEWS EVENING BULLETIN

**8 June 2025- 7.02 pm- 7.12 pm.**

***************************************************

୧- ଓଡ଼ିଶା ଆଏବା ୫ ବଛର୍ ଭିତ୍‌ରେ ୫ ଶହ ବିଲିୟନ୍ ଡଲାର୍‌ର ଅର୍ଥନୀତି ହେବା - କହେଲେ ମୁଖ୍ୟମନ୍ତ୍ରୀ ।

୨- ପୁରୀକେ ତୀର୍ଥ ସହର୍ ଭାବେ ବିକଶିତ୍ କର୍‌ବାର୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍- ସୂଚ୍‌ନା ଦେଲେ ଆଇନ୍‌ମନ୍ତ୍ରୀ ।

୩- ସି.ଏମ୍. ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଚମ୍ପିଆନ୍ ହେଇଛେ ବର୍‌ଗଡ଼୍ ଏଫ୍.ସି. ଦଲ୍ ।

୪- ଆକାଶ୍‌ବାଣୀ ଆଏଜ୍ ପାଲନ୍ କରୁଛେ ତାର୍ ୯୦ ତମ ପୂର୍ତ୍ତି ଦିବସ୍ ।

ଆଉର୍

୫- ବଙ୍ଗୋପ୍‌ସାଗର୍ ନ ହେଲା ଘୂର୍ଣ୍ଣିବଲୟ- ରାଜ୍ୟର୍ ୨୬ ଟା ଜିଲ୍ଲା ନ ବର୍ଷାକେ ନେଇକରି ସତର୍କ ସୂଚ୍‌ନା ଜାରି କଲା ପାଣିପାଗ୍ କେନ୍ଦ୍ର ।

ମୁଖ୍ୟମନ୍ତ୍ରୀ-ଶିଳ୍ପପତି ଆଲୋଚନା ହି.ସ.

ରାଏଜେ ଶିଳ୍ପ ଅନୁକୂଳ ବାତାବରଣ୍ ଉପଯୋଗ୍ଥି ବ୍ୟାପକ୍ ନିବେଶ୍ ଆଉ ଶିଳ୍ପ ଭିତିଭୂମିର୍ ବିକାଶ୍ ଉପ୍ରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜୋର୍ ଦେଇଛନ୍ । ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ର କନ୍ଭେନ୍ସନ୍ ସେଂଟର୍ ଠାନେ ଶିଳ୍ପପତି ଆଉ ଉଦ୍ୟୋଗୀମାନ୍କୁ ନେଇକରି ହେଇଥିବା ଗୁଟେ ଆଲୋଚନାଚକ୍ରଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍, ପ୍ରଧାନ୍ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉତ୍କର୍ଷ ଓଡ଼ିଶା ଲାଗି ରାଜ୍ୟକେ ୧୭ ଲାଖ୍ କୋଟି ଟଙ୍କାର୍ ପ୍ରସ୍ତାବ୍ ଆସିଥିଲା ଆଉ ୧୩ ଲାଖ୍ କୋଟି ଟଙ୍କାର୍ ଏମ୍ଓୟୁ ହେଇଥିଲା । ଉତ୍କର୍ଷ ଓଡ଼ିଶାର୍ ୪ ମାସ୍ ଭିତ୍ରେ ୪ ଟା ଜାଗା ନ ୫୬ ଟା ଶିଳ୍ପର୍ ଗ୍ରାଉଣ୍ଡ୍ ବ୍ରେକିଂ ହେଇକରି ୧ ଲାଖ୍ ୭୮ ହଜାର୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ଆସିଥିଲା ଆଉ ଇଥିର୍ଲାଗି ୧ ଲାଖ୍ ୧୦ ହଜାର୍ ଯୁବକ୍ ନିଯୁକ୍ତି ସୁଯୋଗ୍ ପାଇପାର୍ବେ । ବଛ୍ରେ ଭିତ୍ରେ ରାଏଜେ ୨ ଶହ ୬ ଟା ଶିଳ୍ପକେ ଅନୁମୋଦନ୍ ମିଲିଛେ । ଖଣି, ଧାତୁ, କେମିକାଲ୍, ଇଲେକ୍ଟ୍ରୋନିକ୍ସ୍, ପର୍ଯ୍ୟଟନ୍ ଆର୍ ବୟନ ବାଗିର୍ ଭିନ୍ ଭିନ୍ କ୍ଷେତ୍ରଥି ଶିଳ୍ପ ଥାପ୍ନା କର୍ବାର୍ ଲାଗି ରାଜ୍ୟ ସର୍କାର୍ଙ୍କର୍ ଯୋଜ୍ନା

ରହିଛେ । ଆଏବା ୫ ବଛର୍ ଭିତ୍‌ରେ ଲକ୍ଷ୍ୟ ଠାନୁ ଭିଲ୍ ଅଏତ୍‌କା କାମ୍ ହେବା ଆଉ ଓଡ଼ିଶା ୫ ଶହ ବିଲିୟନ୍ ଡଲାର୍‌ର ଅର୍ଥନୀତି ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ପିଏମ୍ ନାରୀ ଶକ୍ତି        ଆର୍‌ଏନ୍‌ୟୁ/ କଟକ୍

ବିକଶିତ୍ ଭାରତ୍‌ର ଯାତ୍ରାଥି ମହିଳାମାନ୍‌କର୍ ତର୍‌ଫୁ ନିଆଯାଇଥିବା ପରିବର୍ତନ୍‌କାରୀ ଭୂମିକା ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲୋକ୍‌ପାତ୍ କରିଛନ୍ । ସେ କହିଛନ୍, ଗଲା ୧୧ ବଛର୍ ଭିତ୍‌ରେ ମହିଳାମାନ୍‌କର୍ ନେତୃତ୍ୱଥି ବିକାଶ୍ କ୍ଷେତ୍ରକେ ସର୍‌କାର୍ ଜୋର୍ ଦେଇଛନ୍ । କେନ୍ଦ୍ର ନ ଏନ୍‌ଡିଏ ସର୍‌କାର୍‌ଙ୍କର୍ ୧୧ ବଛର୍ ପୂର୍ତି ଅବ୍‌ସରେ ଶ୍ରୀ ମୋଦୀ କହିଛନ୍, ବିଜ୍ଞାନ୍, ଶିକ୍ଷା, ଖେଲ୍, ଷ୍ଟାଟଅପ୍ ଆଉ ସଶସ୍ତ୍ର ବାହିନୀ ସହେତେ ସବୁ କ୍ଷେତ୍ରଥି ମହିଳାମାନେ ଉତ୍କର୍ଷ ପ୍ରଦର୍ଶନ୍ କରିଛନ୍ ଆଉ ସମ୍‌କର୍ ଲାଗି ପ୍ରେରଣାର୍ ଉତ୍ସ ହେଇଛନ୍ । ସ୍ୱଚ୍ଛ ଭାରତ୍ ଅଭିଯାନ୍ ଜରିଏ ଦେଶେ ୧୧ କୋଟିନୁ ଅଏତ୍‌କା ସୁଲଭ ଶୌଚାଳୟ ତିଆର୍ କରାଯାଇକରି ମହିଳାମାନ୍‌କର୍ ସ୍ୱାସ୍ଥ୍ୟ, ସୁରକ୍ଷା ଆଉ ସମ୍ମାନ୍‌କେ ବଢ଼ାଯାଇଛେ । ଜନ୍ ଧନ୍ ଏକାଉଂଟ୍ ଜରିଏ ଆର୍ଥିକ୍ ଅନ୍ତର୍ଭୁକ୍ତିକରଣ୍ ଆଉ ତୃଣମୂଳସ୍ତର୍‌ଥି

ସଶକ୍ତିକରଣ୍ ହେଇଛେ । ପ୍ରଧାନ୍‌ମନ୍ତ୍ରୀ ଉଜ୍ଜ୍ୱଲା ଯୋଜ୍‌ନା ୨୦୨୪ ତକ୍ ୩୨ କୋଟି ପରିବାର୍‌କେ ଏଲ୍‌ପିଜି ଯୁଗେଇ ଦେଇକରି ମହିଲାମାନ୍‌କୁ ସ୍ୱଚ୍ଛ ଆଉ ଧୂଆଁମୁକ୍ତ ରନ୍ଧାଘର୍ ସୁନିଶ୍ଚିତ୍ କରାଯାଇପାରିଛେ । ବେଟି ବଚାଓ ବେଟି ପଢ଼ାଓ ଅଭିଯାନ୍‌କେ ପ୍ରଧାନ୍‌ମନ୍ତ୍ରୀ ସୋର୍ କରିକରି କହିଛନ୍, ଟୁକେଲ୍ ଛୁଆମାନ୍‌କର୍ ସୁରକ୍ଷା ଲାଗି ଇଟା ଗୁଟେ ଜାତୀୟ ଆନ୍ଦୋଲନ୍ ଆଏ ।

## ପୁରୀ ଶ୍ରୀମନ୍ଦିର୍ ପରିଧିଁଥି ମଦ ମାଂସ ମନା

ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍‌ର ୨ କିଲୋମିଟର୍ ପରିଧି ଭିତ୍‌ରେ କେନ୍‌ସି ପ୍ରକାର୍ ମଦ୍ ଦୁକାନ୍ କି ବାର୍ ନାଇଁ ରହିପାରେ । ଇତାର୍‌ଛଡ଼ା ଆଇଁଷ ବିକ୍ରିକେ ଭିଲ୍ ପୁରାପୁରି ଭାବେ ବନ୍ଦ୍ କରାହେବା । ଇ ବାବ୍‌ଦେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରଚନ୍ଦନ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଛନ୍ । ମନ୍ତ୍ରୀ କହିଛନ୍, ଆମେ ପୁରୀକେ ଗୁଟେ ତୀର୍ଥ ସହର୍ ଭାବେ ବିକଶିତ୍ କର୍‌ବାର୍‌କେ ଚାହୁଁଛୁ । ସେଥିର୍‌ଲାଗି ପ୍ରକ୍ରିୟା ମୁଲ୍ କରାଯାଇଛେ । ବଡ଼ଦାଣ୍ଡଥି ଥିବା ଘର୍‌ମାନ୍‌କର୍ ଉଚ୍ଚତା

ଆଉ ସଂରଚନା ସମାନ୍ ଆକାରେ କର୍‌ବାର୍‌କେ ଚେରେଷ୍ଟା କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଭୁବ୍‌ନେଶ୍ୱର୍ ନ -ଗେଷ୍ଟ ହାଉସ୍     ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଆଏବା ଦିନେ ରାଜ୍‌ଧାନୀ ଭୁବ୍‌ନେଶ୍ୱର୍ ନ ସବୁ ଜିଲ୍ଲାର୍ ଲୋକମାନ୍‌କର୍ ଲାଗି ଗେଷ୍ଟ୍ ହାଉସ୍‌ର ବ୍ୟବସ୍ଥା ହେବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, ବହୁତ୍ ଲୋକ୍ ରାଜ୍‌ଧାନୀକେ ଶିକ୍ଷା ଆଉ ସ୍ୱାସ୍ଥ୍ୟସେବା ଲାଗି ଆଏସନ୍ ଆଉ ଇଥିର୍‌ଲାଗି ସେମାନ୍‌କୁ ଅଏତ୍‌କା ଖର୍ଚ୍ଚାନ୍ତ ହେବାର୍ ଲାଗି ପଡ଼୍‌ସି । ସାଧାରଣ୍ ଲୁକ୍‌କର୍ ସୁବିଧାର୍ ଲାଗି ଇ ଗେଷ୍ଟହାଉସ୍ ମାନ୍ ତିଆର୍ ହେବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ସବୁ ଜିଲ୍ଲା ଲାଗି ଶହେ ଟା କୋଠରୀ ଥିବା ଗେଷ୍ଟ ହାଉସ୍ ତିଆର୍ ହେବା ଆଉ ଫି’ ଜିଲ୍ଲା ନାଁଥି ଇତାକେ ନାମିତ କରାଯିବା । ଇଥିର୍‌ଲାଗି ଜମି ଚିହ୍ନଟ୍ ପ୍ରକ୍ରିୟା ଶେଷ୍ ହେଇଛେ ଆଉ ନିର୍ମାଣ କାମ୍ ୨୦୨୭ ତକ୍ ସର୍‌ବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଅଭିଯୋଗ୍ ଶୁଣାଣି ବନ୍ଦ     ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଅଭିଯୋଗ୍ ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଉପମୁଖ୍ୟମନ୍ତ୍ରୀ-କଟକ୍        ଆର୍‌ଏନ୍‌ୟୁ/କଟକ୍

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ କଟକ୍ ଜିଲ୍ଲା ଗସ୍ତ କରିକରି ଆଏବା ୧୩ ତାରିଖ୍ କଟକ୍ ତଳବାଲିଯାତ୍ରା ପଡ଼ିଆ ନ ହେବାର୍‌କେ ଥିବା ନାରୀ ଶକ୍ତି ମେଳା ସଭାସ୍ଥଲୀକେ ପରିଦର୍ଶନ୍ କରିଛନ୍ । କାର୍ଯ୍ୟକ୍ରମ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଇଥି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ମହିଳା ସଶକ୍ତିକରଣ୍ କ୍ଷେତ୍ରଥି ନିଆଯାଇଥିବା ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ବିଧାନ୍‌ସଭା ନିର୍ମାଣ     ହି.ସ.

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଆଉ ବିଧାନ୍‌ସଭା ନୂଆ ଢାଂଚାଥି ତିଆର୍ ହେବା। ପୁର୍‌ନା ବିଲ୍‌ଡିଂର ରଙ୍ଗରୂପ ବଦ୍‌ଲାଯିବା ଲାଗି ବିଚାର୍ କରାଯାଉଛେ ବଲି ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ସୂଚ୍‌ନା ଦେଇଛନ୍। ସେନ୍ତା ଭୁବ୍‌ନେଶ୍ୱର୍ ନ ୧୦ ହଜାର୍ ଲୋକ୍ ବସିପାର୍‌ପାର୍‌ବାର୍ ବାଗିର୍ ମଲ୍ଟି କନ୍‌ଭେନ୍‌ସନ୍ ସେଂଟର୍ ଓଡ଼ିଶା ମଣ୍ଡପ୍ ତିଆର୍ କର୍‌ବାର୍ ଲାଗି ଚନ୍ଦ୍ରଶେଖର୍‌ପୁର୍ ନ ଜାଗା ଚିହ୍ନଟ୍ ହେଇଛେ। ରାଏଜେ ଇସବୁ ତିଆରି କାମ୍ ଧାରିଜ୍ ସମିଆ ଭିତ୍‌ରେ ସର୍‌ବା ଆଉ ନୂଆଁ ଇଞ୍ଜିନିୟର୍ ମାନ୍‌କୁ ଇଥିର୍‌ଲାଗି ଟ୍ରେନିଂ ଦିଆଯିବା ବଲି ମନ୍ତ୍ରୀ କହିଛନ୍।

ସି.ଏମ୍. ଟ୍ରଫି ଫାଇନାଲ                ଏକ୍ସ/I&PR

ରାଉର୍‌କେଲା ବିର୍ସାମୁଣ୍ଡା ଏଥ୍‌ଲେଟିକ୍ସ ଷ୍ଟାଡ଼ିୟମ୍ ନ ହେଇଥିବା ୧୫ ବଛର୍‌ନୁ କମ୍ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଚମ୍ପିଆନ୍‌ସିପ୍ ସି.ଏମ୍. ଟ୍ରଫିର ଫାଇନାଲ୍ ମେଚ୍‌ଥି ବର୍‌ଗଡ଼୍ ଏଫ୍.ସି. ଦଲ୍ ଚମ୍ପିଆନ୍ ହେଇଛେ। ଆଝିର୍ ହେଇଥିବା ଫାଇନାଲ୍ ଖେଲ୍‌ଥି ବର୍‌ଗଡ଼୍ ଏଫ୍.ସି. - ଭୁବ୍‌ନେଶ୍ୱର୍ ଏଫ୍.ସି.କେ ୩/୨ ଗୋଲ୍‌ଥି ହରେଇକରି ଟାଇଟେଲ୍ ହାସଲ୍ କରିଛେ।

ବର୍‌ଗଡ଼୍ ଏଫ୍.ସି. ଦଲ୍‌କେ ଇ ଐତିହାସିକ୍ ଜିତ୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇଛନ୍ । ଆଝିର୍ ହେଇଥିବା ଫାଇନାଲ୍ ମେଚ୍‌ଥି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଅତିଥି ଭାବେ ଯୋଗ୍ ଦେଇକରି ଖେଲାଲିମାନ୍‌କୁ ଉତ୍ସାହିତ୍ କରିଥିଲେ ।

ଆକାଶ୍‌ବାଣୀ ପ୍ରତିଷ୍ଠା ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ଆକାଶ୍‌ବାଣୀ ଆଏଜ୍ ତାର୍ ୯୦ ତମ ପୂର୍ତି ଦିବସ୍ ପାଲନ୍ କରୁଛେ । ୧୯୩୬ ମସିହାର୍ ଆଝିର୍ ଦିନେ ଭାରତୀୟ ପ୍ରସାରଣ୍ ସେବାର୍ ନାଁକେ ବଦ୍‌ଲାଯାଇକରି ଅଲ୍ ଇଣ୍ଡିଆ ରେଡ଼ିଓ ନାଁଥି ନାମିତ କରାଯାଇଥିଲା । ଭାରତ୍ ସ୍ୱାଧୀନ୍ ହେବାର୍ ଉତ୍‌ରୁ ୧୯୫୬ ସାଲେ ଅଲ୍ ଇଣ୍ଡିଆ ରେଡ଼ିଓ ର ଅଲ୍‌ଗା ନାଁ ଆକାଶ୍‌ବାଣୀ ନାଁକେ ସ୍ୱିକୃତୀ ମିଲିଥିଲା । ଆକାଶ୍‌ବାଣୀ ତାର୍ ୫ ଶହ ୯୧ ଟା କେନ୍ଦ୍ର ଜରିଆଥି ଦେଶର୍ ୯୮ ଟା ଜାଗା ନ ପୁହୁଁଚିପାରିଛେ । ବହୁ ଜନ ହିତାୟ, ବହୁ ଜନ ସୁଖାୟ ବାର୍ତା ନେଇକରି ଆକାଶ୍‌ବାଣୀ ୨୩ ଟା ଭାଷା ଆଉ ଶହେ ୪୬ ଟା ଉପଭାଷାଥି କାର୍ଯ୍ୟକ୍ରମ୍ ପ୍ରସାରଣ୍ ଜାରି ରଖିଛେ । ଆକାଶ୍‌ବାଣୀ ସମ୍ବାଦ ବିଭାଗ୍ ଖବର୍ ପ୍ରସାରଣ୍ ସହେତେ ସମ୍ବାଦ୍‌ଭିତିକ

ନିରପେକ୍ଷ ଖବର୍ ପରିବେଷଣ୍ କରିକରି ଦେଶ୍ ଆଉ ବିଦେଶ୍ ନ ଲୁକ୍କର୍ ଆସ୍ଥା ଜିତିପାରିଛେ ।

ଶ୍ରୀମନ୍ଦିର୍ -ସ୍ନାନପୂର୍ଣ୍ଣିମା         ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ସ୍ନାନପୂର୍ଣ୍ଣିମାକେ ଶୃଙ୍ଖଲିତ୍ ଭାବେ କର୍‌ବାର୍ ଲାଗି ଇ ବଛର୍ କୃତ୍ରିମ ବୁଦ୍ଧିମତା ଏ.ଆଇ. ଜରିଏ ଭିଡ଼୍‌କେ ନିୟନ୍ତ୍ରଣ୍ କରାଯିବା ବଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନିତ୍ ଅଗ୍ରଓ୍ୱାଲ୍ କହିଛନ୍ । ସ୍ନାନପୂର୍ଣ୍ଣିମା ଲାଗି ପୁଲିସ୍ ପ୍ରଶାସନ୍ ତର୍‌ଫୁ ବ୍ୟାପକ୍ ବନ୍ଦୋବସ୍ତ କରାଯାଇଛେ । ୭୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ସହେତେ ୪ ଝନ୍ ଆରକ୍ଷୀ ଅଧୀକ୍ଷକ୍ ଆର୍ ୪ ଶହ ୫୦ ପୁଲିସ୍ ଅଧୀକାରୀ ନିୟୋଜିତ ହେବେ ।

କରୋନା ଆକ୍ରାନ୍ତ         ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଉ ୭ ଝନ୍ ନୂଆଁ କରୋନା ଆକ୍ରାନ୍ତ ଚିହ୍ନଟ୍ ବାବ୍‌ଦେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଡାକ୍ତର୍ ନୀଲକଣ୍ଠ ମିଶ୍ର ସୂଚ୍‌ନା ଦେଇଛନ୍ । ଇତାକେ ମିଶେଇକରି ରାଏଜେ କରୋନା ରୋଗୀଙ୍କର୍ ସଂଖ୍ୟା ୪୫ କେ ବଢ଼ିଛେ । ଇହାଦେତକ୍ ୧୨

୫ନ୍ ଆକ୍ରାନ୍ତ ଭଲ୍ ହେଇଛନ୍ । ସକ୍ରିୟ କରୋନା ଆକ୍ରାନ୍ତଙ୍କର୍ ସଂଖ୍ୟା ରାଏଜେ ୩୩ ଥିବାର୍ ଜନାପଡ଼ିଛେ ।

ବିକାଶ୍ ମେଳା, ପଲ୍ଲିଶ୍ରୀ ମେଳା ନୂଆପଡ଼ା ସମ୍ବାଦଦାତା

ରାଜ୍ୟ ସର୍କାର୍ଙ୍କର୍ ପହେଲା ବଛର୍ ପୂର୍ତି ଅବ୍ସରେ ନୂଆପଡ଼ା ଜିଲ୍ଲା ମିନି ଷ୍ଟାଡ଼ିୟମ୍ ନ ଆଏବା ଜୁନ୍ ୧୫ ନୁ ୧୮ ତାରିଖ୍ତକ୍ ବିକାଶ୍ ମେଳା ସହେତେ ପଲ୍ଲିଶ୍ରୀ ମେଳା ହେବା । ଇତାକେ ଠିକ୍ ଭାବେ ଆୟୋଜନ୍ କର୍ବାର୍ ଲାଗି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । କାର୍ଯ୍ୟକ୍ରମ୍କେ ସଫଲ୍ ଭାବେ ଆୟୋଜନ୍ କର୍ବାର୍ ଲାଗି ଜିଲ୍ଲାପାଲ୍ ଅଧିକାରୀ ଆଉ କର୍ମଚାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ମିଶନ୍ ଶକ୍ତି ବିଭାଗ୍ ତର୍ଫୁ ସୁଭଦ୍ରା ପାରମ୍ପରିକ୍ ଖାଦ୍ୟ ଉତ୍ସବ୍ ଆଉ ପ୍ରତିଯୋଗିତା ଭିଲ୍ ହେବା ବଲି ବୈଠକ୍ନୁ ଜନାପଡ଼ିଛେ ।

କିଡ୍ନୀ ରୋଗୀ- ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ଡାକ୍ତର୍‌ଖାନା ନ କିଡ୍‌ନୀ ରୋଗୀମାନ୍‌କର୍ ଲାଗି ଗୁଟେ ଖାସ୍ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ହେଇଯାଇଛେ । ଜିଲ୍ଲାର୍ ହର୍‌ଭଙ୍ଗା ବ୍ଲକ୍ ନ ସବୁନୁ ଅଏତ୍‌କା କିଡ୍‌ନୀ ରୋଗୀ ରହୁଥିବାର୍ ବେଲେ ଚିହ୍ନଟ୍ ଆଉ ଉଷୋ ଅଭାବ୍‌ନୁ ବହୁତ୍ ଝନ୍‌କର୍ ଜୀବନ୍ ଯାଉଛେ । ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଆୟୁଷ୍ମାନ୍ ଆରୋଗ୍ୟ ଶିବିର୍ ଜରିଏ କିଡ୍‌ନୀ ରୋଗୀମାନ୍‌କର୍ ଖାସ୍ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରାଯାଇକରି ମାହାଲିଆ ଉଷୋ ବଂଟାଯାଇଛେ ।

ଜିଲ୍ଲା ସନ୍ତରଣ୍ ଦକ୍ଷତା ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ    ବୌଦ୍ଧ

ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସନ୍ତରଣ୍ ଦକ୍ଷତା ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌ର ପହେଲା ଖେପର୍ ସମ୍ବର୍ଦ୍ଧନା ଉତ୍ସବ୍ ହେଇଯାଇଛେ । ଜିଲ୍ଲା ଷ୍ଟାଡ଼ିୟମ୍ ସନ୍ତରଣାଗାର ରଇଠାଣି ବନ୍ଧ ଆଉ ୫ ନମ୍ବର୍ ଆଇଆର୍‌ବି ବାଟାଲିୟନ୍ ବେରେକ୍ ନ ଯୁବବର୍ଗ ତାଲିମ୍ ନେଇଥିଲେ । ଇଥି ୩୦ ଝନ୍ ଛାତ୍ର ଆଉ ଯୁବକ ସନ୍ତରଣ ଦକ୍ଷତା ବୃଦ୍ଧି ବାବଦ୍ ୬ ଦିନିଆ ତାଲିମ୍ ନେଇଥିଲେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା, ଅତିରିକ୍ତ ଜିଲ୍ଲାପାଲ୍ ଆଉ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ବିଶ୍ୱ ମହାସାଗର୍ ଦିବସ        ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ମହାସାଗର୍ ଦିବସ । ଆଶ୍ଚର୍ଯ୍ୟ- ଯିଏ ଆମ୍‌କୁ ସ୍ଥାୟୀତ୍ୱ ଦେଇଛେ ତାର୍ ସ୍ଥାୟୀ ସୁରକ୍ଷା କର୍‌ମା ଇ ବଛର୍ ବିଶ୍ୱ ମହାସାଗର୍ ଦିବସ୍ ବିଷେ ରହିଛେ । ପୁର୍‌ଥି ନ ଥିବା ୫ ଟା ମହାସାଗର୍ ୭୦ ପ୍ରତିଶତ୍‌ନୁ ଅଏତ୍‌କା ଇଲାକା ନ ଫଇଲିଛେ । ମହାସାଗର୍ ଆମର୍ ଗ୍ରହର୍ ଲାଗି ୫୦ ପ୍ରତିଶତ୍ ଅମ୍ଳଜାନ୍ ତିଆର୍ କର୍‌ସି ଆର୍ ମହାସାଗର୍ ଜୈବ ବିବିଧତାର ଭିଲ୍ କେନ୍ଦ୍ରସ୍ଥଲୀ ଆଏ । ପୁର୍‌ଥିର୍ ଶହେ କୋଟିନୁ ଅଏତ୍‌କା ଲୋକ୍ ପ୍ରୋଟିନ୍ ଲାଗି ମହାସାଗର୍ ଉପ୍‌ରେ ନିର୍ଭର୍ କର୍‌ସନ୍ । ହେଲେ ଭିନ୍ ଭିନ୍ କାରଣ୍‌ନୁ ମହାସାଗର୍ ମାନ୍‌କର୍ ନୁକ୍‌ସାନ୍ ହେଉଛେ । ସେଥିର୍‌ଲାଗି ମହାସାଗର୍‌ମାନ୍‌କର୍ ସାଙ୍ଗେ ମୁନୁଷ୍ ମାନ୍‌କର୍ ସନ୍ତୁଲନ୍ ବନାବାର୍‌କେ ବିଶ୍ୱ ମହାସାଗର୍ ଦିବସ୍ ପାଲନ୍ କରାଯାଉଛେ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣପୂର୍ବ ଆଉ ତାକେ ଲାଗିକରି ଥିବା ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍ ଆର୍ କଲାହାଣ୍ଡି ସହେତେ ରାଜ୍ୟର୍ ୨୬ ଟା ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷାକେ ନେଇକରି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ ।